Teachingninja.in

- Latest Govt Job updates
- Private Job updates
- Free Mock tests available

Visit - teachingninja.in

# OTET
# 2016-1st
# Paper II Set D

Teachingninja.in

No. of Printed Pages : 95

No. of Questions : 150

Secretary

# OTET

# 2016(1st)

# PAPER - II

Question Booklet No. 23766

Time : 2 Hours 30 Minutes

Full Marks : 150

Roll No. 2 6 2 2 0 0 1 0 0 2

SET : **D**

SEAL

## ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ

୧. ପରୀକ୍ଷାର୍ଥୀଙ୍କର ପ୍ରାର୍ଥିତ୍ୱ ସାମୟିକ (ଅସ୍ଥାୟୀ) । ଯଦି କୌଣସି ପରୀକ୍ଷାର୍ଥୀ ଦେଇଥିବା ତଥ୍ୟ ଭୁଲ, ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ବୋଲି ଯେକୌଣସି ସମୟରେ ପ୍ରମାଣିତ ହୁଏ, ତେବେ ତାଙ୍କର ପ୍ରାର୍ଥୀତ୍ୱ ନାକଚ ହୋଇଯିବ ।

୨. ଓ. ଏମ୍. ଆର୍. ଫର୍ମରେ ଥିବା ବୃତ୍ତଟିକୁ କଳା / ନୀଳ ବଲ୍ ପଏଣ୍ଟ ଦ୍ୱାରା ସମ୍ପୂର୍ଣ୍ଣ ରୂପେ କଳା / ନୀଳ କରିବାକୁ ହେବ । ଆଂଶିକ କଳା କରାଯାଇଥିଲେ ତାହାର ମୂଲ୍ୟାୟନ ହେବ ନାହିଁ ।

୩. ଦୁଇଟି କିମ୍ବା ଅଧିକ ବୃତ୍ତ ଗୁଡ଼ିକୁ ସମ୍ପୂର୍ଣ୍ଣ / ଆଂଶିକ କଳା / ନୀଳ କରାଯାଇଥିଲେ ତାହାର ମଧ୍ୟ ମୂଲ୍ୟାୟନ ହେବନାହିଁ ।

୪. କଳା / ନୀଳ କରାଯାଇଥିବା ବୃତ୍ତକୁ 'X' ଚିହ୍ନଦ୍ୱାରା / କଟାକଟି କରି / ଧଳା ରଙ୍ଗ ଲଗାଇ / ରବର / ବ୍ଲେଡ ଦ୍ୱାରା ଲିଭାଲିଭି କରି କିମ୍ବା ଯେକୌଣସି ଉପାୟରେ ଉତ୍ତର ବଦଳାଇଥିଲେ ତାହାର ମୂଲ୍ୟାୟନ ହେବ ନାହିଁ ।

୫. ଏହି ପ୍ରଶ୍ନପତ୍ର ପୁସ୍ତିକାଟିକୁ ନିର୍ଦ୍ଦେଶ ନପାଇବା ପୂର୍ବରୁ ଖୋଲାଯିବ ନାହିଁ । ନିଜର ରୋଲ୍ ନମ୍ବର ଠିକ୍ ଭାବରେ ଏହି ପୁସ୍ତିକାରେ ଏବଂ ଓ. ଏମ୍. ଆର୍ ଫର୍ମରେ ଲେଖିବା ଆବଶ୍ୟକ ।

୬. ଏହି ପୁସ୍ତିକାରେ ଲିଖିତ ପୃଷ୍ଠା ସଂଖ୍ୟା ଏବଂ ପ୍ରଶ୍ନସଂଖ୍ୟା ଭଲ ଭାବରେ ଯାଞ୍ଚ କରିନିଅନ୍ତୁ । ଯଦି କିଛି ତ୍ରୁଟି ଥାଏ ତେବେ ପାଞ୍ଚ ମିନିଟ୍ ମଧ୍ୟରେ ଏହା ବଦଳରେ ଅନ୍ୟ ଏକ ଠିକ୍ ପୁସ୍ତିକା ନିରୀକ୍ଷକଙ୍କଠାରୁ ସଂଗ୍ରହ କରନ୍ତୁ ।

୭. ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍, ୧୯୮୮ ଅନୁସାରେ ପରୀକ୍ଷା ପରିଚାଳନା କରାଯିବ ।

## INSTRUCTIONS TO THE CANDIDATES

1. The admission to the examination is provisional. In the event of any information furnished by the candidate found false / incorrect / incomplete at any stage, the candidature shall be rejected.
2. Darken the circles in the OMR answer-sheet completely with Black / Blue ball point pen only. Partial darkening shall not be evaluated.
3. Darkening two or more circles completely / partially shall not be evaluated.
4. Changing the darkened circle in any mannar putting 'X' mark / using white fluid / erasing by rubber / blade etc. shall not be evaluated.
5. This question booklet shall not be opened until instructed. Write your Roll No. correctly in this booklet as well as in the OMR answer-sheet.
6. The candidates should carefully check the No. of Printed Pages, Questions and their Serial No. In case of any discrepancy found, exchange the defective one and collect another correct one from the invigilator within 5 (five) minutes and thereafter no complaint shall be entertained.
7. The examination shall be conducted as per the Odisha Conduct of Examination Act, 1988.



7008

Teachingninja.in

ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ପତ୍ରର ସଂପୃକ୍ତ ବୃତ୍ତଟିକୁ ନୀଳ / କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସଂପୂର୍ଣ୍ଣ ଭାବେ କଳା କର ।

**Each question has four alternatives. Choose the correct answer from among them and darken the appropriate circle completely in the OMR Sheet with Blue / Black ball point pen only.**

## ଶିଶୁ ବିକାଶ ଓ ଶିକ୍ଷାବିଜ୍ଞାନ

## CHILD DEVELOPMENT & PEDAGOGY

1. ସାମଗ୍ରିକ ପରିସ୍ଥିତିରୁ ବିଭିନ୍ନ ଅଂଶ ଆଡକୁ ଗତିକରି ଯେଉଁ ଶିକ୍ଷାଲାଭ କରାଯାଏ ତାହା କେଉଁ ଶିକ୍ଷଣ ତତ୍ତ୍ୱ ଉପରେ ଆଧାରିତ ?
   (A) ପ୍ରଯତ୍ନ-ପ୍ରମାଦ
   (B) ଯାନ୍ତ୍ରିକ-ଅନୁବନ୍ଧ
   (C) ଅନୁକ୍ରିୟା-ଅନୁବନ୍ଧ
   (D) ଅନ୍ତର୍ଦୃଷ୍ଟି

2. ଗୋଟିଏ ପ୍ରଶ୍ନ ଯେଉଁ ଶୈକ୍ଷିକ ଉଦ୍ଦେଶ୍ୟ ପରିମାପ ନିମନ୍ତେ ପ୍ରସ୍ତୁତ କରାଯାଇଥାଏ, ଯଦି ତାହା ସେଇ ଉଦ୍ଦେଶ୍ୟ ପରିମାପ କରିଥାଏ, ତାହା ପ୍ରଶ୍ନଟିର କେଉଁ ଗୁଣକୁ ସୂଚାଏ ?
   (A) ବିଶ୍ୱାସ୍ୟତା
   (B) ବସ୍ତୁନିଷ୍ଠତା
   (C) ଉପାଦେୟତା
   (D) ବୈଧତା

3. ନିର୍ଦ୍ଧାରିତ ଶିକ୍ଷଣ ସ୍ତର ହାସଲ କରିବା ନିମନ୍ତେ କେଉଁ ଶିକ୍ଷା ବ୍ୟାବସ୍ଥାଟି ମୁଖ୍ୟତଃ ଉପଯୋଗୀ ?
   (A) ଆନୁଷ୍ଠାନିକ ଶିକ୍ଷା
   (B) ପାରଦର୍ଶୀତା ଶିକ୍ଷା
   (C) ଅନ୍ତର୍ନିବେଶୀ ଶିକ୍ଷା
   (D) ସମନ୍ୱିତ ଶିକ୍ଷା

1. ... it upon w... learning ... ing ta... place proceeding from whole t... part ?
   (A) Trial-error
   (B) Instrumental conditioning
   (C) Classical conditioning
   (D) Insightful

2. If a question measures the learning objective what it intends to measure, then what quality of the test does it indicate ?
   (A) reliability
   (B) objectivity
   (C) utility
   (D) validity

3. Which education system is useful to attain the defined level of learning ?
   (A) formal education
   (B) mastery education
   (C) inclusive education
   (D) integrated education

Teachingninja.in

4. ଭାରତ : ନୂଆଦିଲ୍ଲୀ :: ପାକିସ୍ତାନ : ______

ଏହା କେଉଁ ପ୍ରକାର ପ୍ରଶ୍ନ ?

(A) ସାଦୃଶ୍ୟ

(B) ସମାପନ

(C) ବହୁବିକଳ୍ପ

(D) ଚିହ୍ନଟୀକରଣ

5. କେଉଁଟି ଶିକ୍ଷଣ ପ୍ରକ୍ରିୟାକୁ ପ୍ରଭାବିତ କରେ ?

(A) ପୂର୍ବଜ୍ଞାନ

(B) ଅଭ୍ୟାସ

(C) ଅଭିଜ୍ଞତା

(D) ଏ ସମସ୍ତ

6. କେଉଁଟି ଉପରେ ଶିଶୁର ମୌଳିକ ଜ୍ଞାନ ସଂଗଠନ ନିର୍ଭର କରେ ନାହିଁ ?

(A) ଶିଶୁର ଅଭିଜ୍ଞତା

(B) ଶିଶୁର ଜିଜ୍ଞାସା

(C) ଶିଶୁର ପରିବେଶ

(D) ଶିଶୁର ଧାରଣା

4. India : New Delhi : : Pakistan : ______.

What type of tests is it ?

(A) Analogy

(B) Completion

(C) Multiple choice

(D) Recognition

5. Which one does influence the learning process ?

(A) Previous knowledge

(B) Practice

(C) Experiences

(D) All of these

6. Which of the following the radial (cognitive) constructivism does **not** depend on ?

(A) experience of the child

(B) inquisitiveness of the child

(C) environment of the child

(D) Concept (idea) of the child



Teachingninja.in

7. କେଉଁଟି ପ୍ରାକ୍ କୈଶୋରାବସ୍ଥାର ଲକ୍ଷଣ ନୁହେଁ ?

(A) ମନୁଆଭାର୍ବ

(B) ହଠାତ୍ କ୍ରନ୍ଦନ

(C) ସହିଷ୍ଣୁତା

(D) ହଠାତ୍ କ୍ରୋଧ

8. ଦଳେ ଶିକ୍ଷାର୍ଥୀଙ୍କ ଉପରେ ଗୋଟିଏ ପରୀକ୍ଷଣ ଭିନ୍ନ ଭିନ୍ନ ସମୟରେ ତିନିଥର ପରୀକ୍ଷା କରାଗଲା । ଲବ୍ଧାଙ୍କଗୁଡ଼ିକର ତୁଳନାଙ୍କ +0.72 ହେଲା । ଏଥିରୁ ପରୀକ୍ଷଣର କେଉଁ ଗୁଣାବଳୀର ସୂଚନା ମିଳିଲା ?

(A) ବୈଧତା

(B) ବିଶ୍ୱାସ୍ୟତା

(C) ଉପାଦେୟତା

(D) ଉପଯୋଗିତା

9. କେଉଁଟିରେ ମାନସିକ ପ୍ରକ୍ରିୟା ସର୍ବନିମ୍ନ ହୋଇଥାଏ ?

(A) ପର୍ଯ୍ୟବେକ୍ଷଣ

(B) ଅନୁକରଣ

(C) ଅନୁସନ୍ଧାନ

(D) ବର୍ଗୀକରଣ

7. Which is **not** a characteristic of pre-adolescence ?

(A) moodiness

(B) instant cry

(C) tolerance

(D) instant anger

8. A test was administered thrice on a group of students at different intervals. The co-efficient of co-rrelation (r) of the scores was + 0.72. What quality of the test does it indicate ?

(A) validity

(B) reliability

(C) utility

(D) usability

9. In which of the following the mental operation is the least ?

(A) observation

(B) imitation

(C) inquiry

(D) classification



Teachingninja.in

10. କେଉଁଟିରେ ଶିକ୍ଷାର୍ଥୀ ସକ୍ରିୟ ନଥାଏ ?

(A) ଶିକ୍ଷକଙ୍କ ଶ୍ରେଣୀ ପ୍ରଦର୍ଶନ

(B) ଶିକ୍ଷକଙ୍କ ପ୍ରଦତ୍ତ ଗୃହକାର୍ଯ୍ୟ ସମ୍ପାଦନ

(C) ପାଠ୍ୟପୁସ୍ତକର ଅନୁଶୀଳନୀର ଅଭ୍ୟାସୀକରଣ

(D) ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକର ବ୍ୟାପକ ଅଧ୍ୟୟନ

11. ଶ୍ରବଣ ଦୋଷଯୁକ୍ତ ଶିକ୍ଷାର୍ଥୀମାନଙ୍କ ପାଇଁ କେଉଁ ପ୍ରକାର ଶିକ୍ଷାବ୍ୟବସ୍ଥା କରାଯିବା ଉଚିତ ?

(A) ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା

(B) ଅଣ–ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା

(C) ସମନ୍ୱିତ ଶିକ୍ଷା ବ୍ୟବସ୍ଥା

(D) ଅନ୍ତର୍ଭୁକ୍ତିକରଣ ଶିକ୍ଷା ବ୍ୟବସ୍ଥା

12. କେଉଁଟି ପାଠ୍ୟକ୍ରମରେ ସ୍ଥାନ ପାଇ ନଥାଏ ?

(A) ଲକ୍ଷ୍ୟ

(B) ବିଷୟବସ୍ତୁ

(C) ମୂଲ୍ୟାୟନ

(D) ଶିକ୍ଷାଦାନ ପଦ୍ଧତି

10. In which the child is **not** active ?

(A) Teacher's classroom demonstration

(B) Hometask done, given by the teacher

(C) Practising the exercises of the text-books

(D) Extensive study of text-book and workbook

11. What education system should be made for the hearing impaired children ?

(A) Special education

(B) Non-formal education

(C) Integrated education

(D) Inclusive education

12. Which one does **not** find place in the curriculum ?

(A) objectives

(B) content

(C) evaluation

(D) Teaching method



Teachingninja.in

13. କେନ୍ଦ୍ରୀୟ ପ୍ରବଣତାଗୁଡ଼ିକ ମଧ୍ୟରୁ କେଉଁଟି ଅପେକ୍ଷାକୃତ ସ୍ଥିର ?

(A) ମଧ୍ୟମା

(B) ମାଧ୍ୟମାନ

(C) ଗରିଷ୍ଠକ

(D) ବିତରଣ

13. Which of the central tendencies is comparatively stable ?

(A) Median

(B) Mean

(C) Mode

(D) Distribution

14. କିଏ ଶୈକ୍ଷିକ ଉଦ୍ଦେଶ୍ୟଗୁଡ଼ିକର ପର୍ଯ୍ୟାୟକ୍ରମିକ ବର୍ଗୀକରଣ କରିଥିଲେ ?

(A) ପିଆଜେ

(B) ଗିଲଫୋର୍ଡ

(C) ଗାଲଟନ୍

(D) ବ୍ଲୁମ୍

14. Who did make hierarchial classification of the instructional objectives ?

(A) Piaget

(B) Guilford

(C) Galton

(D) Bloom

15. ଶୈଶବାବସ୍ଥାରେ କେଉଁ ମୌଳିକ ଆବେଗଗୁଡ଼ିକର ବିକାଶ ଘଟିଥାଏ ?

(A) ଭୟ, ଉଦାସୀନତା, ଆନନ୍ଦ

(B) ଭୟ, କ୍ରୋଧ, ଈର୍ଷା

(C) ଭୟ, କ୍ରୋଧ, ବିରକ୍ତି

(D) ଭୟ, କ୍ରୋଧ, ସ୍ନେହ

15. Which basic emotions do develop during infancy ?

(A) fear, apathy, joy

(B) fear, anger, jealousy

(C) fear, anger, irritation

(D) fear, anger, affection



Teachingninja.in

16. କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ ପାଇଁ ପରିକ୍ଷାର୍ଥୀ କଠିନ ପରିଶ୍ରମ କରିଥାଏ । ଏହା କେଉଁ ପ୍ରକାର ଅଭିପ୍ରେରଣାକୁ ସୂଚାଏ ?

(A) ଆଭ୍ୟନ୍ତରୀଣ

(B) ବାହ୍ୟିକ

(C) ଆବେଗିକ

(D) ଅଭିଜ୍ଞତାଭିତ୍ତିକ

17. କେଉଁ ଚିନ୍ତନ ପ୍ରତିଭାଶାଳୀ ବିଦ୍ୟାର୍ଥୀମାନଙ୍କର ଥାଏ ?

(A) କେନ୍ଦ୍ରାଭିମୁଖୀ

(B) କେନ୍ଦ୍ରାପସାରୀ

(C) ଅନ୍ତର୍ମୁଖୀ

(D) ବସ୍ତୁନିଷ୍ଠ

18. ଗୋଟିଏ ଶ୍ରେଣୀରେ 45 ଜଣ ଶିକ୍ଷାର୍ଥୀଙ୍କ ମଧ୍ୟରୁ 15 ଜଣ ବାଳିକା ଓ ସେମାନଙ୍କର ହାରାହାରି ଓଜନ 45 କି.ଗ୍ରା. । ଶ୍ରେଣୀର ବାଳକମାନଙ୍କର ହାରାହାରି ଓଜନ 40 କି.ଗ୍ରା. ହେଲେ, ସମସ୍ତ ଶିକ୍ଷାର୍ଥୀଙ୍କର ହାରାହାରି ଓଜନ କେତେ କି.ଗ୍ରା. ?

(A) 41.66

(B) 42.65

(C) 43.50

(D) 43.66

16. A candidate works hard to come out successful in any competitive examination. What kind of motivation does it indicate ?

(A) Intrinsical

(B) Extrinsical

(C) Emotional

(D) Experiential

17. What type of thinking do the gifted learners have ?

(A) Convergent

(B) Divergent

(C) Introvert

(D) Objective

18. Out of 45 students in a class 15 are girls and their average weight is 45 kg. If the average weight of the boys in the class is 40 kg. then what is the average weight of all students ?

(A) 41.66

(B) 42.65

(C) 43.50

(D) 43.66



Teachingninja.in

19. ଉଦ୍ଦୀପକ ଓ ପ୍ରତିକ୍ରିୟାକୁ ଦୃଢ଼ୀଭୂତ କରିବା ନିମନ୍ତେ ପୁନରାବୃତ୍ତି ଆବଶ୍ୟକ । ଏହା ଶିକ୍ଷଣର କେଉଁ ନିୟମ ଉପରେ ଆଧାରିତ ?

(A) ପ୍ରସ୍ତୁତି

(B) ଅଭ୍ୟାସ

(C) ଫଳାଫଳ

(D) ଉପଯୋଗ

20. କେଉଁଟି ପ୍ରଣୋଦକର ଉଦ୍ଦେଶ୍ୟ ସମ୍ପର୍କିତ ନୁହେଁ ?

(A) ଆଚରଣରେ ପୁନର୍ବଳନ ସୃଷ୍ଟି କରିବା

(B) ଆଚରଣରେ ସ୍ଥାୟିତ୍ୱ ଆଣିବା

(C) ଆଚରଣକୁ ଉଦ୍ଦୀପିତ କରିବା

(D) ଆଚରଣକୁ ସକ୍ରିୟ କରିବା

21. ପ୍ରଶ୍ନପତ୍ର ନକ୍ସାର ତିନୋଟି ମାତ୍ରାରେ କେଉଁଟି ପ୍ରଦର୍ଶିତ ହୋଇ ନଥାଏ ?

(A) ବିଷୟବସ୍ତୁ

(B) ଜଟିଳତା

(C) ଶିକ୍ଷଣ ଉଦ୍ଦେଶ୍ୟ

(D) ପ୍ରଶ୍ନର ପ୍ରକାରଭେଦ

19. Repetition strengthens the connection between the stimulus and response. What laws of learning is it based upon ?

(A) Readiness

(B) Practice

(C) Effect

(D) Use

20. Which is **not** related with the objectives of motives ?

(A) to energise the behaviour

(B) to stabilise the behaviour

(C) to stimulate the behaviour

(D) to activate the behaviour

21. Which is **not** reflected in a three dimensional blueprint ?

(A) Content

(B) Difficulty level

(C) Learning objectives

(D) Form of questions



Teachingninja.in

22. କେଉଁ ଯୋଡ଼ାଟି ପରସ୍ପର ସଂପର୍କିତ ନୁହଁନ୍ତି ?

(A) ପରିବେଶ → ଶାରୀରିକ ବିକାଶ

(B) ପରିପକ୍ୱନ → ବୌଦ୍ଧିକ ବିକାଶ

(C) ପରିବେଷ୍ଟନୀ → ସାମାଜିକ ବିକାଶ

(D) ପରିପକ୍ୱନ → ଆବେଗିକ ବିକାଶ

22. Which pair is **not** correctly matched ?

(A) Environment → Physical development

(B) Maturation → Cognitive development

(C) Surroundings → Social development

(D) Maturation → Emotional development

23. ବୌଦ୍ଧିକ ବିକାଶର କେଉଁ ପର୍ଯ୍ୟାୟରେ ଶିଶୁର ଆତ୍ମକୈନ୍ଦ୍ରିକ ଚିନ୍ତା ବିକାଶ ପାଇଥାଏ ?

(A) ସମ୍ବେଦୀକାରକ

(B) ପ୍ରାକ୍ ସଂକାର୍ଯ୍ୟଧର୍ମୀ

(C) ମୂର୍ତ୍ତ ସଂକାର୍ଯ୍ୟଧର୍ମୀ

(D) ବିମୂର୍ତ୍ତ ସଂକାର୍ଯ୍ୟ ଧର୍ମୀ

23. At what stage of intellectual development of the child does ego-centric thinking develop ?

(A) sensory motor

(B) pre-operational

(C) concrete operational

(D) formal operational

24. କେଉଁ ପର୍ଯ୍ୟାୟରୁ ଶିଶୁର ବିକାଶ ଆରମ୍ଭ ହୋଇଥାଏ ?

(A) ଭ୍ରୁଣ ସୃଷ୍ଟିଠାରୁ

(B) ଜନ୍ମଠାରୁ

(C) ଶୈଶବାବସ୍ଥାଠାରୁ

(D) ବାଲ୍ୟାବସ୍ଥାଠାରୁ

24. From which stage does the development of the child begin ?

(A) Pre-natal

(B) Post-natal

(C) Infancy

(D) Childhood



Teachingninja.in

25. ଉକ୍ତିଗୁଡ଼ିକୁ ପଢ଼ି ଠିକ୍ ଉତ୍ତରଟି ବାଛ :

(I) ମୂଲ୍ୟାୟନ ପରିମାପନ ଉପରେ ଆଧାରିତ

(II) ମୂଲ୍ୟାୟନ ପରିମାଣାତ୍ମକ ମାତ୍ର ପରିମାପ ଗୁଣାତ୍ମକ

(A) I ଠିକ୍, II ଭୁଲ୍

(B) I ଭୁଲ୍, II ଠିକ୍

(C) I ଓ II ଠିକ୍

(D) I ଓ II ଭୁଲ୍

26. ତଥ୍ୟ ବିତରଣର ସର୍ବନିମ୍ନ ଓ ସର୍ବୋଚ୍ଚ ମୂଲ୍ୟାଙ୍କ କ'ଣ ସୂଚାଇ ଥାଏ ?

(A) ଦୀର୍ଘତା

(B) ଦୂରତା

(C) ଉଚ୍ଚତା

(D) ବିସ୍ତୃତି

27. ମାନକ ପରୀକ୍ଷଣର କେଉଁ ଗୁଣାବଳୀଗୁଡ଼ିକ ଥାଏ ?

(A) ବୈଧତା, ବିଶ୍ୱାସ୍ୟତା, ଉପଯୋଗିତା

(B) ବିଶ୍ୱାସ୍ୟତା, ନମନୀୟତା, ବୈଧତା

(C) ଉପଯୋଗିତା, ବସ୍ତୁନିଷ୍ଠତା, ବିଶ୍ୱାସ୍ୟତା

(D) ବୈଧତା, ନମନୀୟତା, ଉପଯୋଗିତା

25. Study the statements and choose the correct answer :

(I) Evaluation is based on measurement

(II) Evaluation is quantitative, but measurement is qualitative

(A) (I) correct, (II) wrong

(B) (I) wrong, (II) correct

(C) (I) and (II) correct

(D) (I) and (II) wrong

26. What does the lowest and the highest scores of a distribution indicate ?

(A) length

(B) distance

(C) height

(D) range

27. What qualities do a standardized test have ?

(A) validity, reliability, usability

(B) reliability, flexibility, validity

(C) usability, objectivity, reliability

(D) validity, flexibility, usability

Teachingninja.in



Teachingninja.in

28. କେଉଁଟି ମାନକ ପାଠ୍ୟପୁସ୍ତକର ଏକ ଗୁଣାବଳୀ ନୁହେଁ ?

(A) ନମନୀୟତା

(B) ଆବଶ୍ୟକତାଭିତ୍ତିକ

(C) ଉପାଦେୟତା

(D) ବ୍ୟକ୍ତିଭିତ୍ତିକ

28. Which is **not** a quality of a standard text book ?

(A) flexibility

(B) need based

(C) utility

(D) individual based

29. ଏକ ବିତରଣର ମାଧ୍ୟମାନ ଓ ମଧ୍ୟମା ଯଥାକ୍ରମେ 50 ଓ 45 । ତେବେ ଏହାର ଗରିଷ୍ଠକ କେତେ ?

(A) 35

(B) 36

(C) 37

(D) 40

29. The mean and median of a distribution is 50 and 45 respectively. What is its mode ?

(A) 35

(B) 36

(C) 37

(D) 40

30. କେଉଁ ପରୀକ୍ଷଣ ଦ୍ୱାରା ପ୍ରତିଭାଶାଳୀ ବିଦ୍ୟାର୍ଥୀମାନଙ୍କୁ ଚିହ୍ନଟ କରାଯାଇଥାଏ ?

(A) ବୁଦ୍ଧି ପରୀକ୍ଷଣ

(B) କୃତୀ ପରୀକ୍ଷଣ

(C) ଶିକ୍ଷକ କୃତ ପରୀକ୍ଷଣ

(D) ଏ ସମସ୍ତ

30. Which test is used to identify the gifted learners ?

(A) intelligence test

(B) achievement test

(C) teacher-made test

(D) all of these



Teachingninja.in

## M.I.L (ODIA)

31. 'ନି' ଉପସର୍ଗ କେଉଁ ଅର୍ଥରେ ବ୍ୟବହାର କରାଯାଏ ?

(A) ବିରତି (B) ପ୍ରବୃତ୍ତି

(C) ସହଜ (D) ଆଭିମୁଖ୍ୟ

32. ମା' ଭଲକରି ଶିଖାଇଲେ, ମାତ୍ର ସଂଗୀତା ଭଲ ଗାଇପାରିଲା ନାହିଁ । ବାକ୍ୟଟିରେ 'ମାତ୍ର' କେଉଁ ପ୍ରକାର ଅବ୍ୟୟ ?

(A) ବିୟୋଜକ (B) ବିଭକ୍ତି ସୂଚକ

(C) କାଳସୂଚକ (D) ଶବ୍ଦାନୁକାରୀ

33. ଓଡ଼ିଶାରେ ସଡ଼କ–ସୁରକ୍ଷା ସୂଚନା ନିମନ୍ତେ ଯାନଗୁଡ଼ିକର ପଛରେ ଲେଖାଯାଇଥିବା ନିମ୍ନ ଖଣ୍ଡବାକ୍ୟମାନଂକ ମଧ୍ୟରୁ କେଉଁଟି ଶୁଦ୍ଧ ?

(A) ଦୃତଗତି – ମହାବିପତ୍ତି (B) ଦ୍ରୁତଗତି – ମହାବିପତ୍ତି

(C) ଦୃତଗତି – ମହାବିପତି (D) ଦ୍ରୁତଗତି – ମହାବିପତୀ

34. କେଉଁ ପୁସ୍ତକ ପାଇଁ ଗୋପୀନାଥ ମହାନ୍ତି କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ?

(A) ମାଟିମଟାଳ (B) ପରଜା

(C) ଦାନାପାଣି (D) ଅମୃତର ସନ୍ତାନ

35. କେଉଁଟି ପ୍ରେରଣାର୍ଥକ କ୍ରିୟା ?

(A) ପଢ଼ (B) ଗାଅ

(C) ଯାଅ (D) ହସାଅ



Teachingninja.in

36. 'ଦାମ୍ପତ୍ୟ' ଶବ୍ଦଟି କେଉଁ ପ୍ରତ୍ୟୟ ଯୋଗରେ ଗଠିତ ହୋଇଛି ?

(A) ଇତ (B) ଯ

(C) ଇୟ (D) ତ

37. କେଉଁ ଲୋକ ଏଭଳି କାମ କରିବ ନାହିଁ । ରେଖାଙ୍କିତ ପଦଟି କେଉଁ ପ୍ରକାର ବିଶେଷଣ ?

(A) ବିଶେଷଣର ବିଶେଷଣ (B) ସର୍ବନାମ ବିଶେଷଣ

(C) ଅବ୍ୟୟ ବିଶେଷଣ (D) କ୍ରିୟା ବିଶେଷଣ

38. 'ବୃଥା ଚେଷ୍ଟା' – ଏହି ଅର୍ଥ ବୁଝାଉଥିବା ଲୋକବାଣୀଟି କ'ଣ ?

(A) ନାହିଁ ମାମୁଠାରୁ କଣା ମାମୁ ଭଲ (B) ନଇସୁଅକୁ ବାଲିବନ୍ଧ

(C) ଢୋକେ ପି' ଦଣ୍ଡେ ଜୀ (D) କୂପ ମଣ୍ଡୁକ

39. କେଉଁଟି ବିଭାବରୀର ପ୍ରତିଶବ୍ଦ ନୁହେଁ ?

(A) ଯାମୀ (B) କ୍ଷଣଦା

(C) କ୍ଷପା (D) ଅହନ୍

40. 'ପ୍ରବର୍ତ୍ତନ'ର ବିପରୀତ ଶବ୍ଦଟି କ'ଣ ?

(A) ଆବର୍ତ୍ତନ (B) ନିବର୍ତ୍ତନ

(C) ପ୍ରବର୍ଦ୍ଧନ (D) ପ୍ରତ୍ୟୋଦନ



Teachingninja.in

ଅନୁଚ୍ଛେଦଟି ପାଠକରି ପ୍ରଶ୍ନ ନଂ (41 ରୁ 45) ପର୍ଯ୍ୟନ୍ତ ଗୁଡ଼ିକର ଉତ୍ତର ଲେଖ :

ପାଶ୍ଚାତ୍ୟ ଚଳଣିରେ ପରିପୁଷ୍ଟ ଆଜିର ସମାଜ ଜୀବନରେ ଯେଉଁ ଅବକ୍ଷୟ ଦେଖାଦେଇଛି ସେ ନେଇ ବୁଦ୍ଧିଜୀବୀମାନେ ମର୍ମାହତ ହେଉଛନ୍ତି । ମୂଲ୍ୟବୋଧର ଅବକ୍ଷୟ ସୁସ୍ଥ ସମାଜ ଜୀବନର ମୂଳରେ କୁଠାରାଘାତ କରୁଛି । ପାଶ୍ଚାତ୍ୟ ଶିକ୍ଷା, ସଂସ୍କୃତିର ସାର ଗ୍ରହଣ କରି ଯାହା ଆମମାନଙ୍କ ପାଇଁ ହିତକାରକ ସେ ସବୁକୁ ଗ୍ରହଣ କରିନେଲେ କ୍ଷତି ନାହିଁ, କିନ୍ତୁ ଆଜିର ଉଦ୍‌ଭ୍ରାନ୍ତ ଯୁବ ସମାଜ ପାଶ୍ଚାତ୍ୟ ଚଳଣିର ବିକୃତ ଚିନ୍ତାଧାରାକୁ ଜୀବନର ଆଦର୍ଶ ଭାବେ ଧରି ନେଉଛନ୍ତି । ଭାରତୀୟ ସଂସ୍କୃତିର ଉଚ୍ଚ ନୈତିକ ମୂଲ୍ୟବୋଧ, ସୁସଂହତ ଚିନ୍ତାଧାରା, ସଂଯମ, ଆଚାର, ବ୍ୟବହାର ଆଜିର ଯୁବଗୋଷ୍ଠୀ ମଧ୍ୟରେ ବିସ୍ମୃତ ପ୍ରାୟ । ପରିଣାମରେ ଉଚ୍ଛୃଙ୍ଖଳା ସର୍ବତ୍ର ବ୍ୟାପି ଯାଉଛି । ପାଶ୍ଚାତ୍ୟ ଶିକ୍ଷାଦୀକ୍ଷା, ଜ୍ଞାନବିଜ୍ଞାନ ପ୍ରାଚ୍ୟର ନୀତିନିୟମ ଉପରେ ସ୍ଥାପିତ ହେଲେ ତାହା ସମାଜ ତଥା ରାଷ୍ଟ୍ରର କଲ୍ୟାଣକାମୀ ହେବ, ଏହା ନିଃସନ୍ଦେହ । ଦୈନନ୍ଦିନ ଜୀବନରେ ବ୍ୟଭିଚାରକୁ ପ୍ରଶ୍ରୟ ଦେବା ଦ୍ୱାରା ଏହା ସମାଜର ଘୋର ଅନିଷ୍ଟ ସାଧନ କରୁଛି । ବ୍ୟକ୍ତିର ଆଚରଣ ଓ କ୍ରିୟାକଳାପକୁ ନେଇ ସମାଜ ସମୃଦ୍ଧ ହୁଏ । ସମାଜ ସମୃଦ୍ଧ ହେଲେ ରାଜ୍ୟ ଓ ଦେଶ ସମୃଦ୍ଧ ହେବ । ଔଦ୍ଧତ୍ୟ, ବ୍ୟଭିଚାର, ଉଚ୍ଛୃଙ୍ଖଳତା ସୀମା ଲଙ୍ଘନ କରିବା ହେତୁ ନାନା ସାମାଜିକ ସମସ୍ୟା ମୁଣ୍ଡ ଟେକୁଛି । ସମାଜକୁ ସୁସ୍ଥ, ସୁନ୍ଦର, ସମୃଦ୍ଧ କରିବାକୁ ହେଲେ ସତ୍ ଶିକ୍ଷା ଏକାନ୍ତ ପ୍ରୟୋଜନ । ଏହି ସତ୍ ଶିକ୍ଷାର ମୂଳ ବିନ୍ଦୁ ହେଲା ପରିବାର । ପରିବାରରେ ସଦାଚାର ଶିକ୍ଷା ସହ ବ୍ୟକ୍ତିଗତ ଜୀବନରେ ଶିଷ୍ଟାଚାର, ନମ୍ରତା, ସାଧୁତା ପ୍ରକଟିତ ହେଲେ ସମାଜ ଜୀବନ ଛାଏଁ ଛାଏଁ କଳୁଷମୁକ୍ତ ହୋଇଯିବ । ଅନ୍ୟଥା ପାଶ୍ଚାତ୍ୟ ଶିକ୍ଷା, ଦୀକ୍ଷା, ସଂସ୍କୃତି ଚଳଣିର ମୋହରେ ପଡ଼ି ଉଦ୍‌ଭ୍ରାନ୍ତ ପଥିକ ଭଳି ଧାଇଁଲେ ଜଳସ୍ରୋତର ଅସହାୟ କାଠିକୁଟା ଭଳି ଭାସିଯିବା ହିଁ ସାର ହେବ ।

41. ନିମ୍ନୋକ୍ତ ମଧ୍ୟରୁ ବୁଦ୍ଧିଜୀବୀମାନଂକର କ୍ଷୋଭ ପ୍ରକାଶ କରିବା ପାଇଁ କେଉଁ କାରଣଟି ଅଧିକ ପ୍ରଯୁଜ୍ୟ ?

(A) ସମାଜରେ ଦୁର୍ନୀତି ଦେଖା ଦେଇଥିବାରୁ

(B) ପ୍ରାଚ୍ୟ ଲୋକେ ପାଶ୍ଚାତ୍ୟ ଦେଶରେ ରହିବାକୁ ପସନ୍ଦ କରୁଥିବାରୁ

(C) ପାଶ୍ଚାତ୍ୟ ବେଶପୋଷାକ ପ୍ରତି ଆକୃଷ୍ଟ ହେଉଥିବାରୁ

(D) ଆଜିର ସମାଜ ଜୀବନରେ ଅବକ୍ଷୟ ଦେଖାଦେଇଥିବାରୁ



Teachingninja.in

42. ଆଜିର ଉଦ୍‌ଭ୍ରାନ୍ତ ଯୁବସମାଜ କାହାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରୁଛନ୍ତି ?

(A) ପାଶ୍ଚାତ୍ୟ ଶିକ୍ଷାକୁ

(B) ପାଶ୍ଚାତ୍ୟ ଚଳଣିର ବିକୃତ ଚିନ୍ତାଧାରାକୁ

(C) ପାଶ୍ଚାତ୍ୟ ଚଳଣିର ସାର କଥାକୁ

(D) ପାଶ୍ଚାତ୍ୟ ସଂସ୍କୃତିର ମୂଲ୍ୟବୋଧକୁ

43. ଅନୁଚ୍ଛେଦଟିରେ 'ସଂସ୍କୃତି' ଶବ୍ଦଟି କେଉଁ ଅର୍ଥ ପ୍ରକାଶ କରୁଛି ?

(A) ସଂସ୍କୃତ

(B) ସଂସର୍ଗ

(C) ରୁଚି–ନୀତିର ଉତ୍କର୍ଷ

(D) ଅପସଂସ୍କୃତି

44. ପାଶ୍ଚାତ୍ୟ ଶିକ୍ଷା କିପରି ଆମର କଲ୍ୟାଣ କରିପାରିବ ?

(A) ପାଶ୍ଚାତ୍ୟ କଳା ସଂସ୍କୃତିକୁ ସଂପୂର୍ଣ୍ଣରୂପେ ଗ୍ରହଣ କରିନେଲେ ।

(B) ପାଶ୍ଚାତ୍ୟ ଶିକ୍ଷା ଦୀକ୍ଷା, ଜ୍ଞାନ ବିଜ୍ଞାନ ଯାହା ହିତକର ତାହା ପ୍ରାଚ୍ୟର ନୀତିନିୟମ ଉପରେ ସ୍ଥାପିତ ହେଲେ ।

(C) ଭାରତୀୟ ନୀତି ଆଦର୍ଶ ପାଶ୍ଚାତ୍ୟ ନୀତି ନିୟମ ଉପରେ ସ୍ଥାପିତ ହେଲେ ।

(D) ଭାରତୀୟ ସଭ୍ୟତାକୁ ଗ୍ରହଣ କଲେ ।

45. ସମାଜ ଜୀବନ କିପରି କଳୁଷମୁକ୍ତ ହୋଇଯିବ?

(A) ବ୍ୟକ୍ତି ଜୀବନରେ ଅଧିକ ଶିକ୍ଷାଲାଭ କଲେ ।

(B) ପାରିବାରିକ ସଦାଚାର ଶିକ୍ଷା ସହ ବ୍ୟକ୍ତି ଜୀବନରେ ଶିଷ୍ଟାଚାର, ପ୍ରକଟିତ ହେଲେ ।

(C) ସମାଜରେ ଶାନ୍ତି ପ୍ରକଟିତ ହେଲେ ।

(D) ସମାଜ ଓ ବ୍ୟକ୍ତିର ପାରସ୍ପରିକ ସମନ୍ୱୟର ଅଭାବ ଦେଖାଦେଲେ ।

*(Turn over)*



Teachingninja.in

ନିମ୍ନ କବିତାଟି ପାଠକରି ପ୍ରଶ୍ନ ନଂ (46 ରୁ 50) ପର୍ଯ୍ୟନ୍ତ ଗୁଡ଼ିକର ଉତ୍ତର ଦିଅ :

ମୋ ଦେଶ ତରୁଣ ! ଶକ୍ତି ଅପ୍ରମିତ
ଚିର ଅଶାନ୍ତ ବହ୍ନି ପ୍ରଜ୍ଵଳିତ
ବଂଧନ ବାଧା ନିର୍ଭୟେ ହାଣି
ତୁଅରେ ଅଗ୍ରଗାମୀ
ଅଦୂରେ ଶୁଭଇ ପଞ୍ଚଜନ୍ୟ ହକାରେ ଅନ୍ତର୍ଯାମୀ ।
ଟାଣିନିଅ ରଥ ଆହ୍ୱାନ କରେ ରଣ
ମିଥ୍ୟା ମୁଖରେ କରରେ ନିଷ୍ଠୀବନ
ରକ୍ତ ଲେହୀ ଯେ ଜାନୁଆର ଜିଭ ଚାଟେ
ବିଜୟ ଯାତ୍ରା ଚାହିଁ ତା ମୁର୍ଦ୍ଧା ଫାଟେ
ଦୂରି ହୋଇଯିବ ଘୁଣଧରା ଯେତେ କାଠ
ତୋ ନୟନ ତେଜେ ମଉଳି ଯିବରେ ବାଜିକର ଛଉନାଟ
ଜନତାର ସେବା ଭୁଲି କରନ୍ତି
ଚିରକାଳ ଯେ'ବା ଦୟା
କୁକ୍ଷିମ୍ଭରିର ବିଜୟେ ବ୍ୟାପିବ
ଦିବସ ଆଲୋକେ
ଶତ ଶାର୍ଦ୍ଦୁଳ ଭୟା
ମାଡ଼ିଚାଲ ଆଗେ ଚିର ନିର୍ଭୀକ
ମୋ ଦେଶର ଚିର–ଯୁବା
ଉଦ୍‌ବେଳିତ ସେ ପ୍ରାଣ ସମୁଦ୍ର
ଦିବାନିଶି ଡାକେ
କାହାକୁ ଡରିବୁ ତୁ ବା ?
ସସ୍ମିତେ ହସେ ଜନାର୍ଦ୍ଦନ ସେ
ପଶ୍ଚାତେ ତୋର ବସି,
ମାଡ଼ିଚାଲ ! ଚାଲ ଧସି ।
ସତ୍ୟ ସେବାର ମାଲ୍ୟ ଭୂଷିତ ଗଳେ
କାହାକୁ ରେ ଭୟ ଡର ତୋ ଅବନୀ ତଳେ ?
ଗାଅ ଜନତାର ଜୟ ।
ମିଥ୍ୟା ଶଠତା ନିଶି ପାହି ଆସେ
ଅଦୂରେ ସୂର୍ଯ୍ୟୋଦୟ ।



Teachingninja.in

46. ମିଥ୍ୟାବାଦୀର ମୁଖରେ କ'ଣ କରିବାକୁ କବି ଆହ୍ୱାନ ଦେଇଛନ୍ତି ?

(A) ବହ୍ନି ଜଳାଇବା ପାଇଁ
(B) ପାଞ୍ଚଜନ୍ୟ ଧରାଇବା ପାଇଁ
(C) ଛେପ ପକାଇବା ପାଇଁ
(D) ସ୍ମିତହାସ୍ୟ ଫୁଟାଇବା ପାଇଁ

47. ଯୁବକ ପୃଥିବୀରେ କାହିଁକି ଡରିବ ନାହିଁ ବୋଲି କବିତାରେ କୁହାଯାଇଛି ?

(A) ଯୁବକ ଦେହରେ ଛଉନାଟର ବେଶଭୂଷା ରହିଛି
(B) ମିଥ୍ୟା–ପ୍ରବଞ୍ଚନାର ସାଜ ଧରିଛି
(C) ସତ୍ୟସେବାର ମାଳ ପିନ୍ଧିଛି
(D) ଭଗବାନ ତାକୁ ପାଞ୍ଚଜନ୍ୟ ଦେଇଛନ୍ତି ।

48. ନିମ୍ନୋକ୍ତ ମଧ୍ୟରୁ କେଉଁଟି 'ବାଜିକର' ଶବ୍ଦର ଅର୍ଥ ପ୍ରକାଶ କରୁଛି ?

(A) କୁହୁକ
(B) ଅଶ୍ୱ
(C) ବାଦନଯନ୍ତ୍ର
(D) ଐନ୍ଦ୍ରଜାଲିକ

49. ଦେଶର ତରୁଣ ବିପ୍ଳବକୁ ଆଗେଇଗଲେ କ'ଣ ଘଟିବ ନାହିଁ ବୋଲି କବିତାରେ କୁହାଯାଇଛି ?

(A) ଶୋଷଣକାରୀର ମୂର୍ଦ୍ଧନାପାତ ହେବ
(B) ବାଜିକରର ଛଦ୍ମବେଶ ମଉଳିଯିବ
(C) ପୋକଲଗା କାଠ ଚୂର୍ଣ୍ଣ ହେବାପରି ଅତ୍ୟାଚାରୀର ସମସ୍ତ ଦର୍ପ ଚୂର୍ଣ୍ଣ ହୋଇଯିବ
(D) ସମୁଦ୍ରପାଣି ମାଡ଼ିଆସି ଜୀବନ ନେଇଯିବ



Teachingninja.in

50. ନିମ୍ନ ଉକ୍ତିମାନଂକ ମଧ୍ୟରୁ କେଉଁଟି କବିତାର ମର୍ମବାଣୀ ପାଇଁ ପ୍ରଯୁଜ୍ୟ ନୁହେଁ ?

(A) କବିତାରେ ଯୁବକମାନଂକ ପାଇଁ ନିର୍ଭୀକ ହୋଇ ଆଗେଇ ଯିବାର ଆହ୍ୱାନ ରହିଛି ।

(B) କବିତାରେ ସତ୍ୟ-ସେବାକୁ ଆପଣେଇ ନେଇ ମିଥ୍ୟାକୁ ଦୂରେଇ ଦେବାର ଆହ୍ୱାନ ରହିଛି ।

(C) କବିତାରେ ଯୁବକମାନେ ଦେଶର ଅପ୍ରମିତ ଶକ୍ତିର ଉତ୍ସ ବୋଲି କୁହାଯାଇଛି ।

(D) କବିତାରେ ଯୁବକମାନଙ୍କୁ କେବଳ ଭଗବାନଙ୍କ ଚରଣାଶ୍ରିତ ହୋଇ କାର୍ଯ୍ୟ କରିବାର ଆହ୍ୱାନ ରହିଛି ।

51. କେଉଁଟି ବ୍ୟାବହାରିକ ବ୍ୟାକରଣର ଲକ୍ଷଣ ?

(A) ପ୍ରୟୋଗାତ୍ମକ
(B) ଆନନ୍ଦଦାୟକ
(C) ବିଶ୍ଳେଷଣାତ୍ମକ
(D) ଗୁଣାତ୍ମକ

52. ପାଠ୍ୟ ବିଷୟବସ୍ତୁକୁ ବୁଝିବା ନିମନ୍ତେ କେଉଁଟି ସହାୟକ ?

(A) ସରବ ପଠନ
(B) ନୀରବ ପଠନ
(C) ଦ୍ରୁତ ପଠନ
(D) ସାମୂହିକ ପଠନ

53. ବାକ୍ୟ ମଧ୍ୟରେ କମା (,) ଠାରୁ ଟିକିଏ ଅଧିକ ବିରାମର ଆବଶ୍ୟକତା ଥିଲେ କେଉଁ ଚିହ୍ନ ଦିଆଯାଏ ?

(A) ଉଦ୍ଧୃତି
(B) ହାଇଫେନ୍
(C) ସେମିକୋଲନ୍
(D) କୋଲନ୍

54. 'ବାୟୁ'ର ପାଞ୍ଚଟି ପ୍ରତିଶବ୍ଦ ଲେଖିବାକୁ କୁହାଗଲା । ଏହା ନିମ୍ନୋକ୍ତ ମଧ୍ୟରୁ କେଉଁ ପ୍ରକାର ପ୍ରଶ୍ନର ଅନ୍ତର୍ଗତ ?

(A) କ୍ଷୁଦ୍ର ଉତ୍ତରମୂଳକ
(B) ନିର୍ଦ୍ଦିଷ୍ଟ ଉତ୍ତରମୂଳକ
(C) ସଂକ୍ଷିପ୍ତ ଉତ୍ତରମୂଳକ
(D) ନିର୍ବାଚନମୂଳକ

55. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନର ମୂଲ୍ୟାୟନ ଭିନ୍ନ ଭିନ୍ନ ପରୀକ୍ଷକଙ୍କ ଦ୍ୱାରା ଭିନ୍ନ ଭିନ୍ନ ହୋଇଥାଏ – କେଉଁଟି ଏହାର ମୁଖ୍ୟ କାରଣ ?

(A) ଉତ୍ତରର ଦୀର୍ଘତା
(B) ବ୍ୟକ୍ତିନିଷ୍ଠତା
(C) ଉତ୍ତରର ତାରତମ୍ୟତା
(D) ବିବିଧ ଶୈକ୍ଷିକ ଉଦ୍ଦେଶ୍ୟର ପରିମାପ



Teachingninja.in

56. ବ୍ୟାକରଣ ଶିକ୍ଷାଦାନ ନିମନ୍ତେ କେଉଁ ପ୍ରଣାଳୀଟି ସର୍ବୋତ୍ତମ ?

(A) ପୁସ୍ତକରେ ଦିଆଯାଇଥିବା ସୂତ୍ରଗୁଡ଼ିକୁ ଶିକ୍ଷକ ବୁଝାଇବେ ।

(B) ସୂତ୍ରଗୁଡ଼ିକ ମୁଖସ୍ଥ କରିବାପାଇଁ ଶିକ୍ଷକ କହିବେ ।

(C) ଉଦାହରଣ ଓ ବିଶ୍ଳେଷଣ ମାଧ୍ୟମରେ ସୂତ୍ରରେ ଉପନୀତ ହେବେ ।

(D) ସୂତ୍ରରୁ ଜ୍ଞାନ ଆହରଣ କରି ବିଭିନ୍ନ ଉଦାହରଣ ଦେବେ ।

57. ଉଚ୍ଚ ପଠନର କେଉଁଟି ଅନ୍ତରାୟ ?

(A) ଶୁଦ୍ଧ ଉଚ୍ଚାରଣ

(B) ବିରାମଚିହ୍ନ ସଂପର୍କରେ ଧାରଣା

(C) ସ୍ପଷ୍ଟ ଅଭିବ୍ୟକ୍ତି

(D) ମାନସିକ ଏକାଗ୍ରତା

58. ପାଠ୍ୟପୁସ୍ତକର ବିଭିନ୍ନ ପାଠ ଶେଷରେ ସମାଧାନସୂଚକ ନିର୍ଦ୍ଦେଶିକା ଥାଏ। ଯଥା : ଲେଖ, ପଢ଼, ଛବି ଦେଖି ଖାଲିସ୍ଥାନ ପୂରଣ କର ଇତ୍ୟାଦି ଅକ୍ଷର ବା ବର୍ଣ୍ଣମାଳା ଶିକ୍ଷା କରିବା ନିମନ୍ତେ କେଉଁ ପଦ୍ଧତି ସର୍ବୋତ୍ତମ ?

(A) ଛବି ଦେଖିବେ – ଶବ୍ଦ ପରିଚିତି ହେବେ – ପଢ଼ିବେ – ଲେଖିବେ ।

(B) ଶବ୍ଦ ପରିଚିତି ହେବେ – ପଢ଼ିବେ – ଛବି ଦେଖିବେ – ଲେଖିବେ ।

(C) ଲେଖିବେ – ଶବ୍ଦ ପରିଚିତି ହେବେ – ଛବି ଦେଖିବେ – ପଢ଼ିବେ ।

(D) ପଢ଼ିବେ – ଛବି ଦେଖିବେ – ଲେଖିବେ – ଶବ୍ଦ ପରିଚିତି ହେବେ ।

59. କେଉଁ କ୍ରମଟି ଆଭିଧାନିକ ନିୟମରେ ରହିଛି ?

(A) ସମୀପ – ସମୀକ୍ଷା – ସମୃଦ୍ଧ – ସଂବାଦ

(B) ସଂବାଦ – ସମୀକ୍ଷା – ସମୀପ – ସମୃଦ୍ଧି

(C) ସମୀକ୍ଷା – ସଂବାଦ – ସମୃଦ୍ଧ – ସମୀପ

(D) ସମୃଦ୍ଧ – ସମୀପ – ସଂବାଦ – ସମୀକ୍ଷା

60. କେଉଁଟି ମାତୃଭାଷା ପାଠ୍ୟ ପୁସ୍ତକର ଲକ୍ଷଣ ନୁହେଁ ?

(A) ଜାତୀୟ ଲକ୍ଷ୍ୟର ପ୍ରତିଫଳନ

(B) ସର୍ବନିମ୍ନ ଶିକ୍ଷଣ ସ୍ତରର ପ୍ରତିଫଳନ

(C) ମୁଖସ୍ଥୀକରଣର ପ୍ରତିଫଳନ

(D) ସ୍ଥାନୀୟ ପରିବେଶର ପ୍ରତିଫଳନ



Teachingninja.in

61. Identify which is grammatically acceptable ?

(A) Scarcely he had left for home when it began to rain.

(B) He had scarcely left for home than it began to rain.

(C) Scarcely had he left for home when it began to rain.

(D) Scarcely he had left for home before it began to rain.

62. Do you know ____________ ?

(A) those music famous schools (B) those schools famous music

(C) those famous music schools (D) those music schools famous

63. It is time we _____ home.

(A) should go (B) must go

(C) went (D) will go

64. Mr. Patnaik ________ his novel last month.

(A) completed (B) has completed

(C) had completed (D) completes

65. Which of the following is correctly punctuated ?

(A) "I shall repay the loan tomorrow," He said.

(B) "I shall repay the loan tomorrow," he said.

(C) "I shall repay the loan tomorrow." he said.

(D) I shall repay the loan tomorrow, He said.

66. He deals in _____ .

(A) stationaries (B) stationery

(C) stationeries (D) stationary



Teachingninja.in

67. The expression "Kangaroo Court" implies –

(A) a legal court that punishes the criminals

(B) an illegal court that punishes people unfairly

(C) an official estimate

(D) an approximate estimate

68. Monali says to her mother, "I will not live long".

The indirect speech of the above sentence is :

(A) Monali told her mother that she would not live long.

(B) Monali told her mother that she won't live long.

(C) Monali tells her mother that she would not live long.

(D) Monali tells her mother that she will not live long.

69. Some paintings ______ from the museum yesterday.

(A) stole

(B) have been stolen

(C) were stolen

(D) had stolen

70. I considered it ______ useless job.

(A) a

(B) an

(C) the

(D) very

**Read the passage carefully and answer the questions (No. 71 to No. 75) that follow choosing the correct alternatives given :**

Many men and women are so money-minded that they don't undertake any serious work that doesn't pay. They believe that it is foolish to exert themselves for study and brain work which can't be converted into cash.



Teachingninja.in

"Hard work only for money"seems to be their rule of life. They value intellect only as the key to material prosperity and regard personal mental development as a foolish fad. This miserable materialistic psychology is very deep rooted in all classes of society.

Rich and poor, all suffer from it. An old working woman complained to me of her son's habit of occasionally buying books and said, " He wastes his money on books. What good are they to him ? He is a carpenter, not a school master."

71. Why do many people not like to read books ?

(A) They don't like reading.

(B) They don't have time for it.

(C) They think books can't help them in getting money.

(D) They don't understand books.

72. According to the passage, money-minded people value ____________ .

(A) intellect

(B) mental pleasure

(C) study

(D) material benefits

73. Which of the following is true in context of the passage ?

(A) No one is materialistic

(B) Children don't show materialism

(C) Only the rich and the poor aren't materialistic

(D) People from all walks of life exhibit materialistic attitude

74. Why doesn't the old woman like her son reading books ?

(A) He should be more careful about his health.

(B) Reading can't make him a better man.

(C) Reading doesn't help him in his profession.

(D) He is too young for such reading.



Teachingninja.in

75. The old woman ________ .

(A) is materialistic

(B) is not concerned about her son

(C) felt that her son should spend all his time reading

(D) felt that her son should take rest

**Read the poem carefully and answer the questions (No. 76 to No. 80) choosing the correct alternatives given :**

My train is announced,
It's panic I feel,
The ticket is received,
I spin on my heel.

With a suitcase and a bag,
Clutched in my hands,
I rush through the gates,
Where the TTE stands.

I pass all the coaches,
And full of hope, stare,
At one list and another,
My name isn't there !

I rush through a door,
A free berth I do spy,
Then the whistle blows,
And I wave goodbye.

76. What causes panic in the poet's mind ?

(A) The departure of his train is announced

(B) He has not received his ticket yet

(C) His suitcase is lost

(D) His purse is stolen



Teachingninja.in

77. The poet held his luggage ________ .

(A) on his shoulder
(B) on his head
(C) on his back
(D) in his hand

78. Who stands at the gate ?

(A) The station master
(B) The TTE
(C) A vendor
(D) A passenger

79. He passed all the coaches to see ________ .

(A) the TTE
(B) the rail guard
(C) his name on the list
(D) his co-passenger

80. His name was not there on the list because ________ .

(A) he booked the ticket in time
(B) he did not have a ticket for the reserved compartments
(C) Railway authorities forgot to print his name
(D) the list of passengers was not there on one of the compartments

81. Which of the following is a faulty habit of silent reading ?

(A) Guessing the meaning of difficult words
(B) Moving eyes without head wagging
(C) Using dictionary for understanding
(D) Understanding the use of pronouns

82. English is considered to be the second language in our state, because it is ________ .

(A) only available at home
(B) only available in the school
(C) available in the school and surroundings
(D) available everywhere

83. Which of the following is **not** a purpose of creative writing ?

(A) self expression
(B) redressal of mental fatigue
(C) command of language
(D) repetition



Teachingninja.in

84. Sonam often makes mistakes in subject-verb agreement. How could this problem be solved ?

(A) explaining rules of grammar

(B) asking to memorise rules of grammar

(C) asking to write the rules in the note book

(D) lot of contextual practice in the class

85. Which is different from the other three ?

(A) assignments (B) examination

(C) test (D) evaluation

86. Which of the following is concerned with the real life situations ?

(A) Functional grammar (B) Structural grammar

(C) Prescriptive grammar (D) Formal grammar

87. Which of the following involves receptive skill ?

(A) To spell words correctly

(B) To use appropriate vocabulary

(C) To pronounce English correctly

(D) To follow verbal directions

88. Cross-word Puzzle is used during the ________ stage of a lesson.

(A) Pre-reading (B) Post-reading

(C) Pre-preparation (D) While-reading

89. 'Dyslexia' is associated with ________ disorder.

(A) reading (B) writing

(C) speaking (D) listening

90. Read the underlined sounds of the following words :

Which one is the correct English pronunciation ?

(A) clini<u>cal</u> (B) chemi<u>cal</u>

(C) departmen<u>tal</u> (D) hospi<u>tl</u>



Teachingninja.in

91. ଏକ ଆୟତଚିତ୍ରର ପରିସୀମା 14 ସେ.ମି. ଏବଂ ଏହାର କର୍ଣ୍ଣର ଦୈର୍ଘ୍ୟ 5 ସେ.ମି. ହେଲେ, ଏହାର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?
(A) 10
(B) 12
(C) 14
(D) 16

92. ପାର୍ଶ୍ୱସ୍ଥ ଚିତ୍ରରେ ଥିବା PQRS ଆୟତଚିତ୍ରର ବାହୁ $\overline{PQ}$ ଓ $\overline{SP}$ ଉପରେ ଯଥାକ୍ରମେ M ଓ N ବିନ୍ଦୁ ଅବସ୍ଥିତ । ଯଦି QR = 6 ସେ.ମି., RS = 7 ସେ.ମି., SN = 2 ସେ.ମି. ଏବଂ MQ = 4 ସେ.ମି. ହୁଏ, ତେବେ $\Delta$ MNRର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?
(A) 20
(B) 17
(C) 25
(D) 15




93. ପାର୍ଶ୍ୱସ୍ଥ ଚିତ୍ରରେ, ABCK ଏକ ବର୍ଗଚିତ୍ର ଏବଂ M-B-L (B ବିନ୍ଦୁ M ଓ Lର ମଧ୍ୟବର୍ତ୍ତୀ) । ଯଦି KL = 10 ସେ.ମି. MK = 24 ସେ.ମି. ହୁଏ, ତେବେ $\overline{AB}$ର ଦୈର୍ଘ୍ୟ କେତେ ସେ.ମି. ?
(A) $7\frac{1}{17}$
(B) $9\frac{1}{17}$
(C) $8\frac{1}{17}$
(D) $6\frac{1}{17}$




91. The perimeter of a rectangle is 14 cm and the length of its diagonal is 5 cm. What is its area in sq cm ?
(A) 10
(B) 12
(C) 14
(D) 16

92. In the diagram alongside, M and N are points on the sides $\overline{PQ}$ and $\overline{SP}$ of the rectangle PQRS respectively. If QR = 6 cm, RS = 7 cm, SN = 2 cm and MQ = 4 cm, then what is the area in $cm^2$ of $\Delta$ MNR ?
(A) 20
(B) 17
(C) 25
(D) 15




93. In the given diagram ABCK is a square and M-B-L (B is between M and L). If KL = 10 cm and MK = 24 cm, then what is the length of $\overline{AB}$ in cm ?
(A) $7\frac{1}{17}$
(B) $9\frac{1}{17}$
(C) $8\frac{1}{17}$
(D) $6\frac{1}{17}$





Teachingninja.in

94. ପାର୍ଶ୍ୱସ୍ଥ ଚିତ୍ରରେ Δ PQRର ∠QPRକୁ $\overline{PL}$ ସମଦ୍ୱିଖଣ୍ଡ କରେ ଏବଂ L ବିନ୍ଦୁ $\overline{QR}$ ଉପରେ ଅବସ୍ଥିତ । ଯଦି $m\angle Q = 70^\circ$ ଏବଂ $m\angle LPR = 28^\circ$ ହୁଏ, ତେବେ $m\angle PLQ$ କେତେ ?

(A) 52°

(B) 56°

(C) 82°

(D) 98°




95. ଦୁଇଟି ବୃତ୍ତ ପରସ୍ପରକୁ ବହିଃସ୍ପର୍ଶ କରନ୍ତି । ବୃତ୍ତଦ୍ୱୟର କ୍ଷେତ୍ରଫଳର ସମଷ୍ଟି 130 π ବର୍ଗ ସେ.ମି. ଏବଂ ସେମାନଙ୍କ କେନ୍ଦ୍ରଦ୍ୱୟ ମଧ୍ୟରେ ଦୂରତା 14 ସେ.ମି. ହେଲେ, ବଡ଼ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 8

(B) 10

(C) 11

(D) 13

96. ଆମ୍ବର ମୂଲ୍ୟ ଶତକଡ଼ା 20 କମିଯିବାରୁ ଜଣେ ବ୍ୟକ୍ତି 15 ଟଙ୍କାରେ 12ଟି ଅଧିକ ଆମ୍ବ କିଣିଲେ । ଆମ୍ବର ମୂଲ୍ୟ କମିବା ପୂର୍ବରୁ 16ଟି ଆମ୍ବର ମୂଲ୍ୟ କେତେ ଟଙ୍କା ଥିଲା ?

(A) 5

(B) 6

(C) 7

(D) 9

94. In the diagram alongside, $\overline{PL}$ bisects $\angle QPR$ of $\Delta PQR$ and L lies on $\overline{QR}$. If $m\angle Q = 70^\circ$ and $m\angle LPR = 28^\circ$, then what is $m\angle PLQ$ equal to ?

(A) 52°

(B) 56°

(C) 82°

(D) 98°




95. Two circles touch externally. The sum of their areas is $130\pi$ sqcm and distance between their centres is 14 cm. What is the radius of the bigger circle ?

(A) 8

(B) 10

(C) 11

(D) 13

96. A reduction of 20% in the price of mangoes enables a person to purchase 12 more mangoes for Rs. 15. What was the price of 16 mangoes in rupees before reduction ?

(A) 5

(B) 6

(C) 7

(D) 9



Teachingninja.in

97. ଗୋଟିଏ ଗାଡ଼ି y କି.ମି./ଘଣ୍ଟା ବେଗରେ z ଘଣ୍ଟାରେ x କି.ମି. ଦୂରତା ଅତିକ୍ରମ କରେ । ଏଥିପାଇଁ ନିମ୍ନଲିଖିତ ସଂପର୍କଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ନୁହେଁ ?

(A) $y \propto \frac{1}{z}$ (x ସ୍ଥିର)

(B) $y \propto x$ (z ସ୍ଥିର)

(C) $z \propto x$ (y ସ୍ଥିର)

(D) $y \propto z$ (x ସ୍ଥିର)

98. (x–3) ଜଣ ଲୋକଙ୍କ ଦ୍ୱାରା (2x+1) ଦିନରେ କରାଯାଉଥିବା କାର୍ଯ୍ୟର ପରିମାଣ ଓ (2x+1) ଜଣ ଲୋକଙ୍କ ଦ୍ୱାରା (x+4) ଦିନରେ କରାଯାଉଥିବା କାର୍ଯ୍ୟର ପରିମାଣର ଅନୁପାତ 3:10 ହେଲେ xର ମାନ କେତେ ?

(A) 3
(B) 6
(C) 9
(D) 12

99. ପାର୍ଶ୍ୱସ୍ଥ ଚିତ୍ରରେ $\overline{DE} \parallel \overline{BC}$, AD = 6 ସେ.ମି. ଓ DB = 3 ସେ.ମି. ହେଲେ AM : MN ଅନୁପାତଟି କେତେ ?

(A) 2 : 1
(B) 3 : 2
(C) 3 : 1
(D) 2 : 3




97. A vehicle, moving with a speed of y km/hr, covers x km in z hours. Which of the following is correct in respect of the statement above ?

(A) $y \propto \frac{1}{z}$ (x is constant)

(B) $y \propto x$ (z is constant )

(C) $z \propto x$ (y is constant )

(D) $y \propto z$ (x is constant)

98. If the work done by (x–3) men in (2x+1) days and the work done by (2x+1) men in (x+4) days are in the ratio 3 : 10, then what is the value of x ?

(A) 3
(B) 6
(C) 9
(D) 12

99. In the given figure $\overline{DE} \parallel \overline{BC}$, AD = 6 cm and DB = 3 cm. What is the value of AM : MN ?

(A) 2 : 1
(B) 3 : 2
(C) 3 : 1
(D) 2 : 3






Teachingninja.in

100. Δ ABCର ବାହୁମାନଙ୍କର ମଧ୍ୟବିନ୍ଦୁ D, E ଓ F । Δ DEFର ବାହୁମାନଙ୍କର ମଧ୍ୟବିନ୍ଦୁ P, Q ଓ R ହେଲେ Δ QREର କ୍ଷେତ୍ରଫଳ ଓ BDFE ଚତୁର୍ଭୁଜର କ୍ଷେତ୍ରଫଳର ଅନୁପାତ କେତେ ?




(A) 1 : 5

(B) 1 : 6

(C) 1 : 8

(D) 1 : 16

101. “ପ୍ରତ୍ୟେକ ମୌଳିକ ସଂଖ୍ୟାର ଦୁଇଟି ଗୁଣନୀୟକ ଥାଏ” – ପ୍ରାଥମିକ ସ୍ତରରେ ଏହାର ପ୍ରମାଣ ନିମନ୍ତେ କେଉଁ ପଦ୍ଧତିଟି ଅବଲମ୍ବନ କରାଯିବା ଉଚିତ ?

(A) ଆରୋହଣ

(B) ଅବରୋହଣ

(C) ବିଶ୍ଳେଷଣ

(D) ସଂଶ୍ଳେଷଣ

102. ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ର ବଜାରରେ କିଣାକିଣି କଲାବେଳେ ଟଙ୍କାପଇସାର ଠିକ୍ ହିସାବ କରିପାରୁଛନ୍ତି । ସେ ଗଣିତ ଶିକ୍ଷାର କେଉଁ ଉଦ୍ଦେଶ୍ୟ ହାସଲ କରିପାରିଛନ୍ତି ?

(A) ଜ୍ଞାନ ଆହରଣ

(B) ଅବବୋଧନ

(C) ଜ୍ଞାନର ପ୍ରୟୋଗ

(D) ଜ୍ଞାନର ବିଶ୍ଳେଷଣ

100. In the given figure D, E, and F are the mid points of the sides of the Δ ABC and P, Q and R are the mid points of the sides of Δ DEF. What is the ratio of the areas of Δ QRE and quadrilateral BDFE ?




(A) 1 : 5

(B) 1 : 6

(C) 1 : 8

(D) 1 : 16

101. “Each primary number has two factors”. What method should be followed to prove it at the primary level ?

(A) Inductive

(B) Deductive

(C) Analysis

(D) Synthesis

102. A primary school pupil is able to make correct calculation of money while marketing. What objective of learning mathematics has he achieved ?

(A) Acquisition of the knowledge

(B) Understanding of the knowledge

(C) Application of the knowledge

(D) Analysis of the knowledge



Teachingninja.in

103. ଉଚ୍ଚ ପ୍ରାଥମିକ ଶ୍ରେଣୀରେ ଜ୍ୟାମିତି ଉପପାଦ୍ୟ ପରୀକ୍ଷାମୂଳକ ପଦ୍ଧତି ଦ୍ୱାରା ପଢ଼ା ଯାଇଥାଏ । ଏହାଦ୍ୱାରା ଶିକ୍ଷଣାନୁଭୂତି କେଉଁ ଦିଗରେ ଗତି କରିଥାଏ ?

(A) ସରଳରୁ ଜଟିଳକୁ

(B) ଜଟିଳରୁ ସରଳକୁ

(C) ସାଧାରଣରୁ ନିର୍ଦ୍ଦିଷ୍ଟକୁ

(D) ନିର୍ଦ୍ଦିଷ୍ଟରୁ ସାଧାରଣକୁ

103. Geometry theorems are taught by experimental method at upper primary classes. In which direction the learning experiences proceed during teaching ?

(A) from simple to complex

(B) from complex to simple

(C) from general to specific

(D) from specific to general

104. ଜ୍ଞାନାତ୍ମକ ବିକାଶର କେଉଁ ପର୍ଯ୍ୟାୟରେ ଶିକ୍ଷାର୍ଥୀ ବାସ୍ତବ ବସ୍ତୁ ବିଷୟରେ ଜ୍ଞାନ ଆହରଣ କରେ ?

(A) ସମ୍ବେଦୀକାରକ

(B) ପ୍ରାକ୍–ସଂକାର୍ଯ୍ୟ

(C) ସ୍ଥୂଳ–ସଂକାର୍ଯ୍ୟ

(D) ବିମୂର୍ତ୍ତ–ସଂକାର୍ଯ୍ୟ

104. At what stage of cognitive development, the child acquires mathematical knowledge of the concrete objects ?

(A) Sensorymotor

(B) Pre-operational

(C) Concrete operational

(D) Formal operational

105. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକ ମଧ୍ୟରୁ କେଉଁଟି ବହୁ–ବିକଳ୍ପ ପ୍ରଶ୍ନ ଅଟେ ?

(A) 1, 4, 9, 16 ____ (ଶୂନ୍ୟସ୍ଥାନ ପୂରଣ କର)

(B) 60 ର 50% = ?

(C) 5:15::7: ____ (ସମ୍ପର୍କ ସ୍ଥାପନ କରି ଶୂନ୍ୟସ୍ଥାନ ପୂରଣ କର)

(D) 0, 0.5, 1, 2 (ଏଗୁଡ଼ିକ ମଧ୍ୟରୁ କେଉଁଟି ପୂର୍ଣ୍ଣସଂଖ୍ୟା ନୁହେଁ ?)

105. Which of the following is a multiple choice question ?

(A) 1, 4, 9, 16 ____ (Fill in the gap)

(B) What is 50% of 60 ?

(C) 5:15::7: ____ (Fill in the gap establishing the relationship)

(D) 0, 0.5, 1, 2 (Which is **not** a whole number ?)



*(Turn over)*



Teachingninja.in

106. ଦୁଇଟି ସଂଖ୍ୟାର ଗୁଣଫଳ 6300 ଏବଂ ସେମାନଙ୍କର ଗ:ସା:ଗୁ 15 । ଯଦି କୌଣସିଟି ସଂଖ୍ୟା 30ରୁ କମ୍ ହୋଇନଥାଏ, ତେବେ ସଂଖ୍ୟାଦ୍ୱୟର ସମଷ୍ଟି କେତେ ?

(A) 75

(B) 100

(C) 150

(D) 165

107. 1ରୁ 40 ମଧ୍ୟରେ କେତୋଟି ମୌଳିକ ସଂଖ୍ୟା ଅଛି ?

(A) 8

(B) 9

(C) 11

(D) 12

108. କେଉଁ କ୍ଷୁଦ୍ରତମ ସଂଖ୍ୟାରେ 6 ଯୋଗକଲେ ଯୋଗଫଳ 16, 24, 36, 48 ଦ୍ୱାରା ବିଭାଜ୍ୟ ହେବ ?

(A) 130

(B) 134

(C) 138

(D) 142

106. The product of two numbers is 6300 and their HCF is 15. If none of the numbers is less than 30, what is the sum of these two numbers ?

(A) 75

(B) 100

(C) 150

(D) 165

107. How many prime numbers are there between 1 and 40 ?

(A) 8

(B) 9

(C) 11

(D) 12

108. What is the smallest number with which 6 being added makes the sum divisible by 16, 24, 36 and 48 ?

(A) 130

(B) 134

(C) 138

(D) 142



*(Continued)*

Teachingninja.in

109. ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ବର୍ଷ ଆରମ୍ଭରେ ପ୍ରତି 2 ଜଣ ଛାତ୍ରରେ 3 ଜଣ ଛାତ୍ରୀ ଥିଲେ । ସେହି ଶ୍ରେଣୀରୁ 5 ଜଣ ଛାତ୍ରୀ ବିଦ୍ୟାଳୟ ତ୍ୟାଗ କଲେ ଓ 3 ଜଣ ଛାତ୍ର ସେହି ଶ୍ରେଣୀରେ ଯୋଗ ଦେଲେ । ଏହାଦ୍ୱାରା ଛାତ୍ରସଂଖ୍ୟା ଓ ଛାତ୍ରୀ ସଂଖ୍ୟା ସମାନ ହୋଇଗଲା । ତେବେ ଆରମ୍ଭରେ ସେହି ଶ୍ରେଣୀରେ ମୋଟ ଛାତ୍ର ଓ ଛାତ୍ରୀ ସଂଖ୍ୟା କେତେ ଥିଲା ?

(A) 36

(B) 40

(C) 45

(D) 52

109. In class VIII of an upper primary school at the beginning of the year, for every 2 boys, there were 3 girls. From the same class 5 girls left the school and 3 boys joined the class. As a result, boys and girls became equal in number. What was the total strength of the same class at the beginning of the year ?

(A) 36

(B) 40

(C) 45

(D) 52

110. $a^2 - 2a = 1$ ହେଲେ, $a^3 - \frac{1}{a^3}$ ର ମାନ କେତେ ?

(A) 14

(B) 18

(C) 21

(D) 24

110. If $a^2 - 2a = 1$ , then what is the value of $a^3 - \frac{1}{a^3}$ ?

(A) 14

(B) 18

(C) 21

(D) 24



Teachingninja.in

111. ଦତ୍ତ ଚିତ୍ରରେ ମୋଟ କେତୋଟି ଆୟତଚିତ୍ର ଅଛି? ଏହି ପ୍ରଶ୍ନ କେଉଁ ଶୈକ୍ଷିକ ଉଦ୍ଦେଶ୍ୟ ଉପରେ ଆଧାରିତ ?



(A) ଶିକ୍ଷାର୍ଥୀ ଆୟତଚିତ୍ର ଚିହ୍ନି ପାରିବ
(B) ଶିକ୍ଷାର୍ଥୀ ଆୟତଚିତ୍ର ଠିକ୍ ଭାବେ ଗଣି ପାରିବ
(C) ଶିକ୍ଷାର୍ଥୀ ଉଭୟ ଆୟତଚିତ୍ର ଚିହ୍ନିପାରିବ ଓ ଗଣିପାରିବ
(D) ଏଥି ମଧ୍ୟରୁ କୌଣସିଟି ନୁହେଁ

112. ଡୋମିନୋ କ'ଣ?
(A) ଏକ ଗଣିତ ଶିକ୍ଷା ଉପକରଣ
(B) ଏକ ଜ୍ୟାମିତି ବାକ୍ସ
(C) ଏକ ଗାଣିତିକ ପ୍ରକ୍ରିୟା
(D) ଜଣେ ଗଣିତଜ୍ଞଙ୍କ ନାମ

113. ଶିକ୍ଷକ ଗୋଟିଏ ପିରିୟଡରେ ଯୋଗ ଓ ବିୟୋଗ ପ୍ରକ୍ରିୟା ଶିକ୍ଷାଦାନ ପରେ ଶିକ୍ଷାର୍ଥୀମାନଙ୍କ ଆହରିତ ଜ୍ଞାନ ପରୀକ୍ଷଣ ପାଇଁ ନିମ୍ନ ପ୍ରଶ୍ନଟି ପଚାରିଲେ । ଏହା କେଉଁ ପ୍ରକାର ମୂଲ୍ୟାୟନ ?




(A) ଲବ୍ଧଜ୍ଞାନ
(B) କାର୍ଯ୍ୟଭିତ୍ତିକ
(C) ବ୍ୟବସ୍ଥାନ
(D) ନିଦାନାତ୍ମକ

111. How many rectangles are there in the given figure ? What type of instructional objective this question measures ?



(A) The pupil indentifies the rectangles
(B) The pupil counts the rectangles correctly
(C) The pupil both identifies and counts the rectangles
(D) None of these

112. What is a Domino ?
(A) A mathematical teaching aid
(B) A geometry box
(C) A mathematical process
(D) Name of a mathematician

113. After teaching the process of addition and substraction in a period, the teacher asked the following question to test the learning achievements. What type of evaluation is it ?




(A) Achievement
(B) Activity based
(C) Placement
(D) Diagnostic



Teachingninja.in

114. ଗଣିତ ପାଠ୍ୟପୁସ୍ତକରେ କ'ଣ ଥାଏ ?

(A) ଶିକ୍ଷାଦାନର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ

(B) ଶିକ୍ଷାଦାନ ଉପକରଣ

(C) ଶିକ୍ଷାଦାନ ପଦ୍ଧତି

(D) ସମାହିତ ଉଦାହରଣ

115. (i) ସଂଶ୍ଳେଷଣ ପଦ୍ଧତିରେ ଶିକ୍ଷକ ପ୍ରାମାଣ୍ୟରୁ ଆରମ୍ଭ କରି ଦତ୍ତରେ ପହଞ୍ଚନ୍ତି ।

(ii) ବିଶ୍ଳେଷଣ ପଦ୍ଧତିରେ ଶିକ୍ଷକ ଦତ୍ତରୁ ଆରମ୍ଭ କରି ପ୍ରାମାଣ୍ୟରେ ପହଞ୍ଚନ୍ତି ।

ଦୁଇଟି ଉକ୍ତି ମଧ୍ୟରୁ କେଉଁଟି ଠିକ୍ ?

(A) (i) ଠିକ୍ (ii) ଭୁଲ୍

(B) (ii) ଠିକ୍ (i) ଭୁଲ୍

(C) ଉଭୟ (i) ଓ (ii) ଠିକ୍

(D) ଉଭୟ (i) ଓ (ii) ଭୁଲ୍

116. $\sqrt[3]{\left(x^{-2} \div x^{4}\right)^{2}} = x^{p}$ ହେଲେ, $p^{-1}$ର ମାନ କେତେ ?

(A) 4

(B) $-\frac{1}{4}$

(C) 3

(D) $-\frac{1}{3}$

114. What is there in a mathematics text-book ?

(A) Specific teaching objectives

(B) Teaching aids

(C) Teaching methods

(D) Illustrated examples

115. (i) In the synthetic method the teacher begins from what is required to be proved and arrives at what are given

(ii) In the analytic method the teacher starts from the given data and arrives at what is required to be proved

(A) (i) correct and (ii) wrong

(B) (ii) correct and (i) wrong

(C) Both (i) and (ii) are correct

(D) Both (i) and (ii) are wrong

116. If $\sqrt[3]{\left(x^{-2} \div x^{4}\right)^{2}} = x^{p}$, what is the value of $p^{-1}$ ?

(A) 4

(B) $-\frac{1}{4}$

(C) 3

(D) $-\frac{1}{3}$



Teachingninja.in

117. ଗୋଟିଏ ସଂଖ୍ୟାକୁ 7 ଦ୍ୱାରା ଭାଗ କଲେ, 3 ଭାଗଶେଷ ରହେ । ସେହି ସଂଖ୍ୟାର 8 ଗୁଣକୁ 7 ଦ୍ୱାରା ଭାଗ କଲେ, ଭାଗଶେଷ କେତେ ରହିବ ?

(A) 0

(B) 1

(C) 3

(D) 4

117. A number, when divided by 7, leaves the remainder 3. What would be the remainder left when 8 times of the same number is divided by 7 ?

(A) 0

(B) 1

(C) 3

(D) 4

118. ଯଦି $a^x = b^y = c^z$ ଏବଂ abc = 1, ତେବେ xy + yz + zx ର ମାନ କେତେ ?

(A) 1

(B) 3

(C) 0

(D) 5

118. If $a^x = b^y = c^z$ and abc = 1, then what is the value of xy + yz + zx ?

(A) 1

(B) 3

(C) 0

(D) 5

119. ଜଣେ ଦୋକାନୀ ଗୋଟିଏ ବସ୍ତୁର କ୍ରୟମୂଲ୍ୟ ଉପରେ 25% ବଢ଼ାଇ ବସ୍ତୁ ଉପରେ ଦାମ୍ ଲେଖନ୍ତି ଓ 20% ରିହାତି ଦେଇ ବସ୍ତୁଟି ବିକ୍ରି କରନ୍ତି । ତେବେ ଶତକଡ଼ା କେତେ ଲାଭ ପାଆନ୍ତି ?

(A) 5%

(B) 4%

(C) 3%

(D) ଲାଭ ବା କ୍ଷତି ହୋଇନାହିଁ

119. A shop-keeper marks an article, bought by him, at 25% above the cost price and allows a discount of 20% while selling it. What percentage of profit he gets ?

(A) 5%

(B) 4%

(C) 3%

(D) No profit or loss



Teachingninja.in

